## ସଂକ୍ଷେପରେ

### ରାୟଗଡ଼ାରୁ ୧୨୯ ପଜିଟିଭ, ୩ ମୃତ

ରାୟଗଡା ଅଫିସ, ୧୧।୬- କରୋନାରେ ରାୟଗଡା ସହରରେ ମୃତ୍ୟୁ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଶୁକ୍ରବାର ୩ଜଣ କରନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେମାନଙ୍କୁ ମିଶାଇ ମୃତକଙ୍କ ସଂଖ୍ୟା ୧୨୧ରେ ପହଞ୍ଚିଛି। ସେହିଭଳି ଶୁକ୍ରବାର ଜିଲାରୁ ୧୨୯ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବିଷମକଟକରୁ ୧୩, ଗୁଡାରୀରୁ ୬, ଗୁଣୁପୁର ସହରାଞ୍ଚଳରୁ ୧୬, ଗୁଣୁପୁର ଗ୍ରାମାଞ୍ଚଳରୁ ୯, କଲ୍ୟାଣସିଂହପୁର ଓ କାଶୀପୁରରୁ ୭ ଲେଖାଏଁ, ମୁନିଗୁଡାରୁ ୧୧, ରାମନାଗୁଡାରୁ ୬, ପଦ୍ମପୁର ୧୩, ରାୟଗଡା ଗ୍ରାମାଞ୍ଚଳରୁ ୨୬ ଓ ସହରାଞ୍ଚଳରୁ ୧୫ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୮୬ ପୁରୁଷ ଓ ୪୩ ମହିଳା ରହିଛନ୍ତି। ଶୁକ୍ରବାର ସୁଦ୍ଧା ଜିଲାରୁ ୧୭୫୨୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୩୯୯ଜଣ ଆକ୍ଟିଭ କେସ୍ ରହିଛି। ୧୬, ୦୦୭ ଜଣ ସୁସ୍ଥ ହୋଇଛନ୍ତି।

### କେନ୍ଦ୍ରୀୟ ପାଠାଗାରକୁ ଶିକ୍ଷକ ଦେଲେ ପୁସ୍ତକ

ବୋରିଗୁମ୍ମା,୧୧।୬,(ଡି.ଏନ.ଏ.)- କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ସଦର କେନ୍ଦ୍ରୀୟ ପାଠାଗାରକୁ ଜଣେ ଶିକ୍ଷକ ଏନ. ରାଜେଶ କୁମାର ୧୫ ହଜାର ଟଙ୍କାର ପୁସ୍ତକ ପ୍ରଦାନ କରିଛନ୍ତି। ଏଥିରେ ସ୍ନାତକୋତ୍ତର ଇଂଲିଶ, ଇଂଲିଶ ଉପନ୍ୟାସ, ଓଡ଼ିଆ ଉପନ୍ୟାସ, ଇତିହାସ, ବ୍ୟାକରଣ, ଇଂଲିଶ ବ୍ୟାକରଣ ଆଦି ପୁସ୍ତକ ରହିଛି। ଏହି ଅବସରେ ସରପଞ୍ଚ ସୁଶ୍ରୀ ଚନ୍ଦ୍ରିକା ଜାନି, ଏନ. କାମେଶ୍ୱର ରାଓ, ଅଜିତ କୁମାର ଗନ୍ତାୟତ ପ୍ରମୁଖ ଉପସ୍ଥିତି ଥିଲେ।

### ରୋଗୀଙ୍କଠାରୁ ମୋବାଇଲ ଚୋରି ନେଇ ଏତଲା

କୋରାପୁଟ,୧୧।୬(ସ୍ୱ.ପ୍ର.)- କାରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ବିଭିନ୍ନ ୱାର୍ଡରେ ମୋବାଇଲ ଚୋରି ହେଉଥିବା ନେଇ କିଛିଦିନ ହେଲା ଅଭିଯୋଗ ହୋଇ ଆସୁଛି। ଗୁରୁବାର ମଧ ଜଣେ ରୋଗୀଙ୍କ ମୋବାଇଲ ଚୋରି ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ମେଡିକାଲର ସର୍ଜରି ୱାର୍ଡ ୨ ଓ ୩ରେ ମୋବାଇଲ ଚୋରି ନେଇ ମିନତି ମହାପାତ୍ର ଓ ଜୟନ୍ତ ମଣ୍ଡଳ ଏହି ଅଭିଯୋଗ କରିଥିବା ଜଣାଯାଇଛି। ମେଡିକାଲ କଲେଜରେ ଡାକ୍ତର ଓ ରୋଗୀମାନଙ୍କ ସୁରକ୍ଷା ନେଇ ବହୁ ସୁରକ୍ଷା କର୍ମୀ ନିୟୋଜିତ ହୋଇଥିବାବେଳେ ଦିନକୁ ଦିନ କିପରି ଚୋରି ହେଉଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ହସ୍ପିଟାଲ ପ୍ରଶାସନ ଓ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।

# ବର୍ଦ୍ଧିତ ତୈଳ ଦର ବିରୋଧରେ କଂଗ୍ରେସର ଧାରଣା

**ନବରଙ୍ଗପୁର/ଝରିଗାଁ/ଉମରକୋଟ/ ତେନ୍ତୁଳିଖୁଣ୍ଟି/ଚନ୍ଦାହାଣ୍ଡି/ଡାବୁଗାଁ, ୧୧।୬(ବି.ପ୍ର./ସ୍ୱ.ପ୍ର./ଡି.ଏନ୍.ଏ.)**



ମାଝିଗୁଡାସ୍ଥିତ ପେଟ୍ରୋଲ ପମ୍ପରେ ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଡିଜେଲ ଓ ପେଟ୍ରୋଲ ଦରବୃଦ୍ଧି ପ୍ରତିବାଦରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ଡାକରା କ୍ରମେ ଶୁକ୍ରବାର ବିଭିନ୍ନ ପେଟ୍ରୋଲ ପମ୍ପରେ ଧାରଣା ଦିଆଯାଇଛି। ଦଳୀୟ କର୍ମୀମାନେ ମୋଦି ସରକାରଙ୍କ ସ୍ଲୋଗାନ ଅଚ୍ଛେ ଦିନକୁ କଟାକ୍ଷ କରିଛନ୍ତି। କଂଗ୍ରେସ ଶାସନ ପୂର୍ବରୁ ପେଟ୍ରୋଲ ୬୧ଟଙ୍କା ଥିବାବେଳେ ଏବେ ତାହା ୧୦୦ ଟପିଲାଣି। ଗ୍ରସ ସିଲିଣ୍ଡର ୪୧୯ ଟଙ୍କା ରହିଥିବାବେଳେ ବର୍ତ୍ତମାନ ତାହା ୮୦୦ ଟପିଲାଣି। ବୋଲି ଦଳୀୟ କର୍ମୀମାନେ ଅଭିଯୋଗ କରି ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତୈଳ ଦର ନିୟନ୍ତ୍ରଣ କରିବାକୁ ଦଳ ପକ୍ଷରୁ ଦାବି ହୋଇଛି।

ଜିଲା କଂଗ୍ରେସ ପକ୍ଷରୁ ମାଝିଗୁଡାସ୍ଥିତ ପେଟ୍ରୋଲ ପମ୍ପରେ ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ଧାରଣା ଦିଆଯାଇଛି। ଏହି ସମୟରେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ସଦନ ନାୟକ, ଅବଦୁଲ ଫିରୋଜ, ଉତ୍ତମ ତ୍ରିପାଠୀ, ଦିଲୀପ ବେହେରା, ଭୀମ ହରିଜନ ପ୍ରମୁଖ ସାମିଲ ହୋଇଥିଲେ।

ଏବେ ସମସ୍ତ ଖାଉଟି ଜିନିଷ ସହ ତୈଳ ଦର ହୁ ହୁ ହୋଇ ବଢୁଛି। ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ର ସରକାରଙ୍କୁ ଗାଦିଚ୍ୟୁତ କରିବା ସମୟ ଆସିଯାଇଛି ବୋଲି ଝରିଗାଁର ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ମାଝି ମତ ଦେଇଛନ୍ତି। ଝରିଗାଁରେ ବ୍ଲକ ସଭାପତି ତମ୍ଭୁ ଦାସ ପନକା, ବଂଶୀ ପନକା, ଅନିଲ ଜୈନ, ଧନେଶ୍ୱର ଗୌଡ଼, ମାଧବ ମାଝୀ, ପବିତ୍ର କୁମାର ମାଝିଆ, ଦେବିସିଂ ହରିଜନ, ଲଛମନ ମାଝି, ବୁଲୁ ଗୌଡ଼ ପ୍ରମୁଖ ସାମିଲ ହୋଇଥିଲେ।

ଉମରକୋଟ ନଗର କଂଗ୍ରେସ କର୍ମୀମାନେ ଦଳୀୟ କାର୍ଯ୍ୟାଳୟରୁ ବାଇକ୍ ଶୋଭାଯାତ୍ରାରେ ବାହାରି ବିଭିନ୍ନ ପେଟ୍ରୋଲ ପମ୍ପ ଆଗରେ ପ୍ରତିବାଦ କରିଥିଲେ। କର୍ମୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି। ଦରଦାମ ନ କମିଲେ ଦଳ ପକ୍ଷରୁ ଆନ୍ଦୋଳନ ହେବ ବୋଲି କଂଗ୍ରେସ ନେତା ତପନ ଦେବନାଥ କହିଛନ୍ତି। ବର୍ତ୍ତମାନ ଉମରକୋଟରେ ସାଧାରଣ ପେଟ୍ରୋଲ ଦର ଲିଟର ପ୍ରତି ୧୦୦ ଟଙ୍କା ୫୫ ପଇସା ଓ ଏକ୍ସଟ୍ରା ମାଇଲେଜ୍ ପେଟ୍ରୋଲ ଦର ୧୦୪ ଟଙ୍କା ୩୧ ପଇସା ରହିଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ମାର୍କଣ୍ଡ ସାହୁ, ବାବୁଲା ପଟ୍ଟନାୟକ, କୁନୁ ସାନ୍ତ୍ରା, ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି କୁନା ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ମୁନା ପାଢ଼ୀ, ଉମରକୋଟ ଯୁବ ସଭାପତି ନୀଳମାଧବ ନାୟକ, ଏସ୍ ବିଜୟ ଆଦିତ୍ୟ ଦାସ, ପର୍ଶୁ ନାୟକ, ସୁରେନ୍ଦ୍ର ନାୟକ,ଅମୁଲ୍ୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ତେନ୍ତୁଳିଖୁଣ୍ଟି ବ୍ଲକ ଚାରମୁଲାସ୍ଥିତ ପେଟ୍ରୋଲ ବଙ୍କ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ପ୍ରହଲ୍ଲାଦ ହିଆଲ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଅଖିଳ ଭତ୍ରା ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପି.ନାଗରତ୍ନମ, ସାଧାରଣ ସମ୍ପାଦକ ଭୀମସେନ ପାଣିଗ୍ରାହୀ, ବାରିଜ ପଟ୍ଟନାୟକ, ସୁଶାନ୍ତ ଶତପଥୀ, ସୁନୀଲ ସିଂହ, ରମେଶ ପାତ୍ର, ବାଘଚନ୍ଦ୍ର ଟାକ୍ରି ମୃତ୍ୟୁଞ୍ଜୟ ନାୟକ ପ୍ରମୁଖ ସାମିଲ ଥିଲେ।

ଚନ୍ଦାହାଣ୍ଡିରେ କଂଗ୍ରେସ କର୍ମୀମାନେ ଅଭିନବ ଉପାୟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପେଟ୍ରୋଲ ଦର ୧୦୦ ଟଙ୍କା ପାର ପ୍ରତିବାଦରେ ଏକ ପେଟ୍ରୋଲ ପମ୍ପରେ ଦଳୀୟ କର୍ମୀମାନେ ଗ୍ରାହକଙ୍କୁ ମିଠା ବଣ୍ଟନ କରିଥିଲେ। ଏହି ସମୟରେ ପୂର୍ବତନ ପିସିସି ସମ୍ପାଦକ କ୍ଷେମରାଜ ବାଘ, ବ୍ଲକ ସଭାପତି ଡମ୍ବରୁ ହରୀନା, ଜିଲା ସାଧାରଣ ସମ୍ପାଦକ ହୁମେଶ୍ୱର ହଂସ, କାର୍ତ୍ତିକ ମାଳି, ପିତାମ୍ବର ନାୟକ,ମଙ୍ଗଳ ବାଘ, କୃଷ୍ଣ ବାଘ, ଜୟଦେବ ନିଆଲ, କାର୍ତ୍ତିକ ଦଙ୍ଗରୀ ପ୍ରମୁଖ ଉପସ୍ଥିତ ଥିଲେ।

ଡାବୁଗାଁ ବ୍ଲକ କଂଗ୍ରେସ ପକ୍ଷରୁ ଦୁଇଟି ପେଟ୍ରୋଲ ପମ୍ପରେ ଦଳୀୟ କର୍ମୀମାନେ ପ୍ରତିବାଦ କରିଥିଲେ। ବ୍ଲକ କଂଗ୍ରେସ ଉପସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡା, ବାବି ଜେନା, ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝି, ଟି.ମୁରଲି ରାଓ, କେଶବ ରେଲି, ପୂର୍ବତନ ସରପଞ୍ଚ ପି.ସୁବୁଦ୍ଧି ରାଓ, ଚଚରାଗୁଡା ସରପଞ୍ଚ ଧର୍ମାନନ୍ଦ ନାୟକ, ବ୍ଲକ ଯୁବ କଂଗ୍ରେସ ସଭାପତି ପ୍ରଦୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପେଟ୍ରୋଲ ପମ୍ପ ଆଗରେ ଗର୍ଜିଲା କଂଗ୍ରେସ



ଗୁଣପୁର



ବିଷମକଟକ



ଚନ୍ଦାହାଣ୍ଡିରେ ଏକ ପେଟ୍ରୋଲପମ୍ପରେ ଦଳୀୟ କର୍ମୀମାନେ ମିଠା ବାଣ୍ଟୁଛନ୍ତି।



ଡାବୁଗାଁ



ମୁନିଗୁଡ଼ା



ଉମରକୋଟ

# ରାଜସ୍ୱ ମାମଲାଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ଶେଷ କର

**ନବରଙ୍ଗପୁର, ୧୧।୬ (ବି.ପ୍ର.)**

### ଜିଲାସ୍ତରୀୟ ମାସିକ ରାଜସ୍ୱ ସମୀକ୍ଷା ବୈଠକ

ନବରଙ୍ଗପୁର ଜିଲାପାଳ ଡ. ଅଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଜିଲାସ୍ତରୀୟ ମାସିକ ରାଜସ୍ୱ ସମୀକ୍ଷା ବୈଠକ ଭର୍ଚୁଆଲ ମୋଡ଼ରେ ଅନୁଷ୍ଠିତ ହୋଇଯାଇଛି। ଏହି ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ରତ୍ନାକର ସାହୁ, ଉପଜିଲାପାଳ ଭାସ୍କର ରଇତ, ଡେପୁଟି ଜିଲାପାଳ ନିର୍ମଳ ନାୟକ, ମୌସୁମୀ ନାୟକ, ଅନାମିକା ପାଣ୍ଡେଙ୍କ ସମେତ ୧୦ ଗୋଟି ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଉପନିବନ୍ଧକ, କୃଷ୍ଣ ନାୟକ, ଜିଲା ଅବକାରୀ ଅଧିକ୍ଷକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

ଜିଲାର ବିଭିନ୍ନ ରାଜସ୍ୱ ମାମଲାଗୁଡିକ ନିର୍ଦ୍ଧାରିତ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଫଇସଲା କରିବା ପାଇଁ ଜିଲାପାଳ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସମସ୍ତ ସୌରାତ ମାମଲା ଗୁଡିକର ଶୀଘ୍ର ଫଇସଲା କରି ରାଜସ୍ୱ ଆଦାୟ କରିବାକୁ ସେ କହିଥିଲେ। ସମ୍ଭାବ୍ୟ ଲଘୁଚାପ ଜନିତ ବର୍ଷାକୁ ଦୃଷ୍ଟିରେ ରଖି ବ୍ଲକସ୍ତରରେ ଚବିଶ ଘଣ୍ଟା ନିୟନ୍ତ୍ରଣ କକ୍ଷ ଖୋଲା ରଖିବା ସହ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ନଭେମ୍ବର ମାସ ଶେଷ ପର୍ଯ୍ୟନ୍ତ ପ୍ରତିଦିନ ବର୍ଷା ଜନିତ କ୍ଷୟକ୍ଷତିର ଏକ ବିବରଣୀ ସକାଳ ୧୦ରେ ଜିଲା ଜରୁରୀ କାଳୀନ ଉପବିଭାଗକୁ ପ୍ରେରଣ କରିବା ସହିତ ଆବଶ୍ୟକ ସ୍ଥଳେ ଜିଲା ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷକୁ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ଥିବା ଦଶ ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀଗୁଡିକୁ ସଫା ସୁତୁରା କରି ସଜାଗ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ପାଣିରେ ପ୍ରଭାବିତ ହୋଇଥିବା ଲୋକଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ସହ



ଭର୍ଚୁଆଲ ବୈଠକରେ ଯୋଗଦେଇଥିବା ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ଓଡ଼ିଆ ରିଲିଫ କୋଡ ନିୟମ ଅନୁଯାୟୀ ମାଗଣା ରନ୍ଧା ଖାଦ୍ୟ, ଶୁଦ୍ଧ ପାନୀୟ ଜଳ ଯୋଗାଣ, ଅଲୋକ ସହିତ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାପାଇଁ ପରାମର୍ଶ ଦେଇଥିଲେ। ବନ୍ୟାଞ୍ଚଳ ମାନଙ୍କରେ ଆବଶ୍ୟକୀୟ ଚୁଡା, ଚାଉଳ, ଗୁଡ, ଗୋଖାଦ୍ୟ ଆଦି ମହଜୁଦ ରଖିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ବଢୁଥିବା କରୋନା ଗ୍ରାଫ୍‌କୁ ଦୃଷ୍ଟିରେ ରଖି ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ସହ ସରକାରଙ୍କ କୋଭିଡ-୧୯ ଗାଇଡ୍‌ଲାଇନ୍ କିପରି ପାଳନ ହେଉଛି ତାହାକୁ ଯାଞ୍ଚ କରି ଏକ ରିପୋର୍ଟ ପ୍ରଦାନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ।

# ୬ ଦିନରେ ହଟାଗଲା ଗୋଟିଏ ଫଳକ

**ନବରଙ୍ଗପୁର,୧୧।୬(ବି.ପ୍ର.)**

### ବାରମ୍ବାର କରାଯାଉଛି ସୂଚନା ଫଳକ ପରିବର୍ତ୍ତନ,ସଂଶୋଧନ

ନବରଙ୍ଗପୁର ଗ୍ରାମ୍ୟ ନିର୍ମାଣ ବିଭାଜନ(କ) ଅଧୀନରେ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ରାସ୍ତା ଚୋରି ହୋଇଯାଇଥିବା ଖବର ପ୍ରକାଶ ପାଇବା ପରେ ବିଭାଗ ଗୋଟିଏ ପରେ ଗୋଟିଏ ନୂଆ ଉପାୟ ଅବଲମ୍ବନ କରି ଚାଲିଛି। ଲାଗିଥିବା ସୂଚନା ଫଳକ ଗୁଡିକ ପରିବର୍ତ୍ତନ, ସଂଶୋଧନ ପରେ ଗୋଟିଏ ଫଳକ ୬ଦିନ ପରେ ହଟାଇ ଦିଆଯାଇଛି।

ପ୍ରଥମ ଫଳକରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ଉଲ୍ଲେଖ କଲେ । ଠିକାଦାରଙ୍କ ନାମ ବ୍ୟତିତ ଅନ୍ୟ କାହାରି ନାଁ ଲେଖିଲେ ନାହିଁ। ଖବର ପ୍ରସାରିତ ହେବା ପରେ ଉକ୍ତ ସ୍ଥାନରେ ୨୭ ତାରିଖ ଦିନ ଆଉ ଏକ ସୂଚନା ଫଳକ ରାତି ଅଧିଆ ଲଗାଇ ଥିଲେ। ସେଥିରେ ଆର୍ଥିକ ବର୍ଷ ୨୦୨୦-୨୧, କାର୍ଯ୍ୟ ଆରମ୍ଭ ୨୦୨୧ ଫେବୃୟାରୀ ୧୯ ଓ ଶେଷ ମାର୍ଚ୍ଚ ୧୮ ତାରିଖ ଉଲ୍ଲେଖ ଥିଲା। ଠିକାଦାରଙ୍କ ନାମ ସଞ୍ଜୟ ନାୟକ ଓ ୧୯ ଲକ୍ଷ ୪୪ ହଜାର ୮୫୫ଟଙ୍କା ବୋଲି ସେଥିରେ ଉଲ୍ଲେଖ କରାଯାଇଥିଲା। ୪ ତାରିଖ ଦିନ ତାହାକୁ ସଂଶୋଧନ କରାଯାଇ ୧୬ ଲକ୍ଷ ୫୩ ହଜାର ୩୨୨ ଟଙ୍କାରେ ସ୍ୱତନ୍ତ୍ର ମରାମତି ବୋଲି ଉଲ୍ଲେଖ ଥିବା ଆଉ ଏକ ଫଳକ ଲଗାଯାଇଥିଲା। ସେହି ସୂଚନା ଫଳକ ନିଟରେ ପଡାଲଗୁଡାରୁ ପାତ୍ରପୁଟ ରାସ୍ତାର ସ୍ୱତନ୍ତ୍ର ମରାମତି, ପିଚୁ ରାସ୍ତା ୨୧୦୦ କିମି, ୯୦ ହଜାର ୨୩୭ ଟଙ୍କା, ଠିକାଦାରଙ୍କ ନାମ ବନମାଳି ବିଷୋୟୀ, କାର୍ଯ୍ୟ ଆରମ୍ଭ ୨୦୨୦ ଫେବୃୟାରୀ ୧୦ ଓ ଶେଷ ୨୦୨୦ ମାର୍ଚ୍ଚ ୯ ତାରିଖ ଉଲ୍ଲେଖ କରାଯାଇଛି। ୪ ତାରିଖରେ ଲଗାଯାଇଥିବା ଫଳକ ୧୦ ତାରିଖ ଦିନ ଅପରାହ୍ନରେ ହଟାଇ ଦିଆଗଲା। ମାତ୍ର ୬ ଦିନ ପାଇଁ ଉକ୍ତ ଫଳକ କଣ ପାଇଁ ଲଗାଇ ହଟାଇ ଦିଆଗଲା ତାହା ଏବେ ଜନସାଧାରଣଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉଠାଉଛି। ଏହାର ଉଚ୍ଚ ସ୍ତରୀୟ ତଦନ୍ତ ହେବା ଆବଶ୍ୟକ ରହିଛି ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ଅଭିଯୋଗକାରୀ ଯବାନ ନିଲମ୍ବିତ

**ଗୁଣପୁର,୧୧।୬(ଡି.ଏନ୍.ଏ.)-**

### ଯବାନଙ୍କ ମାଡ଼ରେ ଯବାନ ଆହତ ମାମଲା

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ୍ ଭାମିନୀସ୍ଥିତ ଦ୍ୱିତୀୟ ଆଇଆର୍‌ବିଏନ୍ କ୍ୟାମ୍ପରେ ବୁଧବାର ରାତିରେ କମାଣ୍ଡାଣ୍ଟ ଏବଂ ଅନ୍ୟ ଯବାନଙ୍କ ମାଡ଼ରେ ଜଣେ ଯବାନ ଆହତ ଅଭିଯୋଗ ଘଟଣା ଭିନ୍ନମୋଡ଼ ନେଇଛି। ଅଭିଯୋଗକାରୀ ଯବାନ ତଥା ମୁନିଗୁଡ଼ା ଅଞ୍ଚଳର କ୍ଷୀରୋଦ ବାଗାଙ୍କୁ ଶୁକ୍ରବାର ନିଲମ୍ବନ କରାଯାଇଛି।

ନିଶାସକ୍ତ ଅବସ୍ଥାରେ ଦୁର୍ବ୍ୟବହାର ଅଭିଯୋଗରେ ଆଇଆର୍‌ବିଏନ୍ କମାଣ୍ଡାଣ୍ଟ ତାଙ୍କୁ ନିଲମ୍ବନ କରିଛନ୍ତି। ସୂଚନାଯୋଗ୍ୟ, ବୁଧବାର କମାଣ୍ଡାଣ୍ଟଙ୍କ ବିବାହ ବାର୍ଷିକୀ ରହିଥିଲା। ଏଥିପାଇଁ ତାଙ୍କ ବଙ୍ଗଳାରେ ରାତ୍ରିଭୋଜନର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟରେ ସହଯୋଗ ନିମନ୍ତେ ହାବିଲଦାର ସୁଶାନ୍ତ କୁମାର ପରିଡ଼ା କ୍ଷୀରୋଦଙ୍କୁ ଡାକିଥିଲେ। ହେଲେ କରୋନା କଟକଣା ଯୋଗୁ କ୍ଷୀରୋଦ ବିରୋଧ କରିବାରୁ ତାଙ୍କୁ କମାଣ୍ଡାଣ୍ଟ ଦିଲୀପ କୁମାର ମହାପାତ୍ରଙ୍କ ସମେତ ହାବିଲଦାର ସୁଶାନ୍ତ, ଏସ୍.କେ. ଚମ୍ପତି, ନିଲ୍ ବାହାଦୁର ଥାପ୍ପା ଏବଂ କନ୍‌ଷ୍ଟେବଲ ସଞ୍ଜୀବ ସାହୁ ତାଙ୍କୁ ଜୀବନରୁ ମାରିବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିବା ନେଇ କ୍ଷୀରୋଦଙ୍କ ପକ୍ଷରୁ ତାଙ୍କ ସ୍ତ୍ରୀ ଗୁରୁବାର ଗୁଣପୁର ଥାନାରେ ଅଭିଯୋଗ କରିଥିଲେ। ତେବେ ଉକ୍ତ ଅଭିଯୋଗ ମିଥ୍ୟା ବୋଲି କମାଣ୍ଡାଣ୍ଟ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ। ଶୁକ୍ରବାର କ୍ଷିରୋଦଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ କ୍ଷିରୋଦଙ୍କ ସ୍ତ୍ରୀଙ୍କ ଏତଲା ଅନୁଯାୟୀ ଗୁଣପୁର ପୋଲିସ ଶୁକ୍ରବାର ଆଇଆର୍‌ବିଏନ୍ କ୍ୟାମ୍ପରେ ପହଞ୍ଚି ତଦନ୍ତ ଚଳାଇଥିବା ଗୁଣପୁର ଏସ୍‌ଡିପିଓ ଅଜୟ କୁମାର ବାରିକ ସୂଚନା ଦେଇଛନ୍ତି।

### ଫାର୍ମାସିଷ୍ଟ ସର୍ଭିସ୍ ଆସୋସିଏଶନର କଳାବ୍ୟାଜ୍ ପରିଧାନ

**କୋରାପୁଟ,୧୧।୬(ସ୍ୱ.ପ୍ର.)**

କୋରାପୁଟଠାରେ ଓଡ଼ିଶା ଫାର୍ମାସିଷ୍ଟ ସର୍ଭିସ ଆସୋସିଏଶନ ପକ୍ଷରୁ କଳାବ୍ୟାଜ୍ ପରିଧାନ କରି କର୍ମଚାରୀମାନେ କାର୍ଯ୍ୟ କରିଛନ୍ତି। ଦୀର୍ଘବର୍ଷ ଧରି ଫାର୍ମାସିଷ୍ଟମାନେ ସମସ୍ତ କାର୍ଯ୍ୟ କରିଆସୁଥିବାବେଳେ ସରକାର ସେମାନଙ୍କ କ୍ୟାଡର ପୁନର୍ଗଠନ ନ କରିବା, ଆର୍‌ଏସ୍‌ପି ପ୍ରଦାନ କରିବା, ଏନ୍‌ଏଚ୍‌ଏମ୍, ଏମ୍‌ଏଚ୍‌ୟୁ ଓ ଆର୍‌ବିଏସ୍‌କେରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ନିୟମିତ କରିବା ଦାବି କରି ଗୁରୁବାରଠାରୁ ଜିଲାର ସମସ୍ତ ଫାର୍ମାସିଷ୍ଟ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଛନ୍ତି।

# ସିଡିଏମ୍‌ଓଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲେ ଫାର୍ମାସିଷ୍ଟ

**ଚନ୍ଦାହାଣ୍ଡି, ୧୧।୬(ଡି,ଏନ୍.ଏ.)**

ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସମସ୍ତ ଫାର୍ମାଶିଷ୍ଟ କଳା ବ୍ୟାଜ ପରିଧାନ କରି ନିଜର କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି। ରାଜ୍ୟ ସରକାର କ୍ୟାଡର ପୁନର୍ଗଠନ, ଫାର୍ମାଶିଷ୍ଟଙ୍କ ପଦବୀ ନିୟମିତ ଓ ଦରମାରେ ଅସଙ୍ଗତି ଦୂରୀକରଣ ଦାବି ପୂରଣ ଦିଗରେ ଗୁରୁତ୍ୱ ଦେଉ ନଥିବା ପ୍ରତିବାଦରେ ଫାର୍ମାଶିଷ୍ଟମାନେ ନବରଙ୍ଗପୁର ସିଡିଏମ୍‌ଓଙ୍କ ଉଦ୍ଦେଶ୍ୟରେ ଚନ୍ଦାହାଣ୍ଡି ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ମନୀଷ ପୁରୋହିତଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପୂରଣ ନ ହେଲେ କୋଡ଼ିଏରୁ ରାଜ୍ୟସଂଘ ନିଷ୍ପତ୍ତିକ୍ରମେ



ଫାମାସିଷ୍ଟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। କଳାବ୍ୟାଜ ପରିଧାନ କରି ସମସ୍ତ କାର୍ଯ୍ୟରେ ସହଯୋଗ କରାଯିବ ବୋଲି ଏହି ଦାବିପତ୍ରରେ ଉଲ୍ଲେଖ ରହିଛି। ସରକାରଙ୍କ ନିରାମୟ ଯୋଜନାରେ ଔଷଧ ବଣ୍ଟନ ସହିତ ସମସ୍ତ ପ୍ରକାର ରିପୋର୍ଟ ପ୍ରସ୍ତୁତ କରିବା ସହ ଆମେ ନିଜ କର୍ତ୍ତବ୍ୟ ସମ୍ପାଦନ କରୁଛୁ ବୋଲି ସଂଜୀବ ପାତ୍ର କହିଛନ୍ତି। ଦାବିପତ୍ର ପ୍ରଦାନବେଳେ ଅମରେଶ ଖମାରୀ, ସତ୍ୟଦେବ ମୁଣ୍ଡା, ନିର୍ମଳ ପାଳ, ଦିବାକର ନାୟକ, ରମେଶ ଦାଶ ଓ ଶିବାନୀ ଖମାରି ପ୍ରମୁଖ ଉପସ୍ଥିତ ଥିଲେ।

# ଶୀଘ୍ର ପେଟ୍ରୋଲ, ଡିଜେଲ ଦର କମାଅ

**ରାୟଗଡ଼ା ଅଫିସ/ଗୁଣପୁର/ ବିଷମକଟକ/ ମୁନିଗୁଡ଼ା, ୧୧।୬(ଡି.ଏନ୍.ଏ.)**

ଦେଶରେ ତୈଳଦର ବୃଦ୍ଧି ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ଶୁକ୍ରବାର ରାୟଗଡ଼ା ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଦଳ ପକ୍ଷରୁ ରାୟଗଡ଼ା ସହର କପିଳାସ ରୋଡ୍‌ସ୍ଥିତ ପେଟ୍ରୋଲ ପମ୍ପଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଗତ ୧୩ ମାସ ମଧ୍ୟରେ ୪୩ ଥର ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇଛି। ମହାମାରୀ କରୋନା ସମୟରେ ଲୋକଙ୍କ ରୋଜଗାର ବନ୍ଦ ରହିଥିବାବେଳେ ଟିକସ ନାମରେ ବାରମ୍ବାର ତୈଳଦର ବୃଦ୍ଧି କରାଯିବା ଘଟଣାକୁ ଦଳ ପକ୍ଷରୁ ନିନ୍ଦା କରାଯିବା ସହ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀଙ୍କୁ କଡ଼ା



ରାୟଗଡ଼ାଠାରେ କଂଗ୍ରେସ ନେତା ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ସମାଲୋଚନା କରାଯାଇଛି। ତୈଳ ଉପରେ ଲାଗୁ ହୋଇଥିବା ଟିକସ ଛାଡ଼ ଏବଂ ଦର କମ୍ କରା ନ ଗଲେ ଆଗାମୀ ଦିନରେ ଦଳ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ପ୍ରତିବାଦ କାର୍ଯ୍ୟକ୍ରମରେ ଜିଲା ସଭାପତିଙ୍କ ସମେତ ଦଳୀୟ ନେତା ଆପଲ ସ୍ୱାମୀ କାଡ୍ରାକା ଏବଂ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

ସେହିପରି ଗୁଣପୁରଠାରେ ମଧ୍ୟ କଂଗ୍ରେସ ପକ୍ଷରୁ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହରସ୍ଥିତ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ପରିସର ଏବଂ ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନଗର ସଭାପତି ଶ୍ରିକାନ୍ତ ବେହେରାଙ୍କ ନେତୃତ୍ୱରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ, ଏମ୍‌ପି ପ୍ରତିନିଧି ଏସ୍. ବାବା ପ୍ରସାଦଙ୍କ ସମେତ ଭୋଳାନାଥ ମହାକୁଡ଼, ସୋମନାଥ ପାଣି ପ୍ରମୁଖ ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ଜିଲାର ବିଷମକଟକ ଠାରେ ମଧ କଂଗ୍ରେସ ପକ୍ଷରୁ ସ୍ଥାନୀୟ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ଆଗରେ କେନ୍ଦ୍ର ସରକାରଙ୍କ ଭୁଲ ନୀତିର ପ୍ରତିବାଦ କରାଯାଇଥିଲା। ଏଥିସହ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ବିରୋଧି ନାରା ଦେଇଥିଲେ। କଂଗ୍ରେସ ନେତା ନୀଳମାଧବ ହିକକାଙ୍କ ନେତୃତ୍ୱରେ ବ୍ଲକ୍ କଂଗ୍ରେସ ସଭାପତି ବିଜୟ କିଶୋର ପଟ୍ଟନାୟକ, ଏମ୍‌ପିଙ୍କ ପ୍ରତିନିଧି ମାନସ ରଞ୍ଜନ ବେହେରା, ଚନ୍ଦ୍ରଶେଖର କୁସଲିଆ, ରାମଦାସ, ପ୍ରେମାନନ୍ଦ ସାହୁ, ଇସାକ ଭତରା ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

ସେହିପରି ମୁନିଗୁଡ଼ା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବିଭିନ୍ନ ପେଟ୍ରୋଲ ପମ୍ପ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଭାପତି ନୀଳାମ୍ବର ବିଭାରଙ୍କ ନେତୃତ୍ୱରେ ଏମ୍‌ପିଙ୍କ ପ୍ରତିନିଧି ମାନସ ରଞ୍ଜନ ବେହେରା, କେଶବ ସାହୁକାର, ଭି. ଚନ୍ଦ୍ରଶେଖର, ପ୍ରସାଦ ମହାକୁଡ଼, ଆନନ୍ଦ ବେହେରାଙ୍କ ସମେତ ଦଳୀୟ କର୍ମୀ ବିକ୍ଷୋଭରେ ସାମିଲ ଥିଲେ।


## JOB VACANCY

**PARIVARTTAN** a leading NGO invites application from interested candidates for the following posts.

| Sl. No. | Post | Required Qualification | Remuneration |
|---|---|---|---|
| 1 | **For Special Adoption Agency (SAA)** Manager, Social worker, Nurse, Doctor (part time). Ayahs, Chowkidar | For required qualification and remuneration please visit website: malkangiri.nic.in | |
| 2 | **SPPIF** Programme Coordinator (Agriculture & Horticulture) | B.Sc. (Ag.) / MSW 2-3 Years Experience in Livelihood/ Allied System | Rs. 22500/pm |
| 3 | Programme Coordinator (Livestock & Fishery) | B.V.Sc / MSW 2-3 Years Experience in Livestock & Fishery / Allied System | Rs.22500/-pm |
| 4 | Chief Executive Officer (CEO) FPO | MSW/MBA 1-2 years Experience in FPO/CBO management | Rs.20000/- pm |
| 5 | Accountant | M.com/B.com with one years' experience and Tally | Rs.15000/-pm |
| 6 | **TI – Project** Counsellor | MSW/ Sociology with 2 Years Experience with Computer Exp. | Rs. 12000/-pm |

**N.B: Only shortlisted candidate will be call for interview and Age Limit-21 to 45.**
**Apply within Seven days from the date of advertisement by E-mail**
**Secretary, PARIVARTTAN**
**At-Hi-Teck Colony**
**P.O./Dist.: DNK-Malkangiri**
**Email ID: parivartan1994@gmail.com**
**Ph. No.-09437037005 & 09777519905**

## ସଂକ୍ଷେପରେ

### ପଡ଼ିଆ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ପୋତି ଦେଉଛନ୍ତି ଔଷଧ

ଏମ୍‌ଭି ୭୯,୧୧।୬ (ଡି.ଏନ୍.ଏ.)- ମାଲକାନଗିରି ଜିଲା ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରୀ ଔଷଧ ନଷ୍ଟ ହେଉଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ବିରାଟ ଗାତ ଖୋଳି ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଔଷଧ ପୋତାଯାଇଛି। ଏପରିକି ଅନେକ ଔଷଧର ଅବଧି ଶେଷ ହୋଇ ନ ଥିବା ବେଳେ ସେଗୁଡିକୁ ମଧ ପୋତାଯାଇଛି। ରୋଗୀଙ୍କୁ ଯୋଗାଇ ଦେବାକୁ ଆସୁଥିବା ଏହି ଔଷଧ ରୋଗୀଙ୍କୁ ନ ଦେଇ ଏଠାରେ ନଷ୍ଟ କରାଯାଉଥିବା ଅଭିଯୋଗ ହେଉଛି। ଫଳରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡୁଛି। ଏତଦ୍‌ବ୍ୟତୀତ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘବର୍ଷ ଧରି ରହିଥିବା ଫାର୍ମାସିଷ୍ଟ ଲୋକଙ୍କୁ ଦୁର୍ବ୍ୟବହାର କରୁଥିବାରୁ ଅନେକ ସମୟରେ ଏଠାରେ ଅସନ୍ତୋଷ ପ୍ରକାଶ ପାଉଛି। ଖବର ପାଇ ଘଟଣାସ୍ଥଳରେ ମାଲକାନଗିରି ଏଡିଏମ୍‌ଓ ଶିବପ୍ରସାଦ ମହାରଣା ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ବ୍ୟବସାୟୀଙ୍କ ଘରୁ ଚୋରି

ବୈପାରିଗୁଡା,୧୧।୬ (ଡି.ଏନ୍.ଏ.)- ଗାଁ ଗାଁ ବୁଲି ଲୁଗା ବ୍ୟବସାୟ କରୁଥିବା ସ୍ଥାନୀୟ ଖ୍ରୀଷ୍ଟିୟାନ୍ ସାହି ବାସିନ୍ଦା ଦେବ ବେହେରାଙ୍କ ଘରୁ ଗୁରୁବାର ରାତିରେ ଚୋରି ହୋଇଛି। ସେ ଶୋଇଥିବା ବେଳେ କେତେକ ଦୁର୍ବୃତ୍ତ ଘର ବିଦ୍ୟୁତ୍ ତାର କାଟି ବାହାର ପଟୁ କବାଟ ତାଡି ଘର ଭିତରେ ପଶିଥିଲେ। ଚାର୍ଜରେ ବସିଥିବା ଏକ ମୋବାଇଲ୍ ଫୋନ୍, କେତେକ ଲୁଗା ସହ ସେଠାରେ ଥିବା ବାଇକ ନେଇ ଚାଲି ଯାଇଥିଲେ। ଏ ନେଇ ଶୁକ୍ରବାର ଦେବ ଥାନାରେ ଏତଲା ଦେବା ପରେ ପୋଲିସ୍ ଏକ ମାମଲା ରୁଜୁ କରିଛି। କେସ୍ ନଂ. ୯୧/୨୧। ଲକ୍ ଡାଉନ୍ କାରଣରୁ ଚୋରି ଡକାୟତି ମାମଲା ଗତ କିଛି ଦିନ ହେବ ଉକ୍ତ ଅଞ୍ଚଳରେ ବୃଦ୍ଧି ପାଇଛି। ପୋଲିସ୍ ପକ୍ଷରୁ ରାତ୍ରିକାଳିନ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବାକୁ ସାଧାରଣରେ ଦାବି ହେଉଛି।

### କୋରାପୁଟ ଜିଲାରେ ୧୨୪ କରୋନା ପଜିଟିଭ

କୋରାପୁଟ,୧୧।୬(ସ୍ୱ.ପ୍ର.)-କୋରାପୁଟ ଜିଲାରେ ଶୁକ୍ରବାର ୧୨୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬୭୩୪ରେ ପହଞ୍ଚିଛି। ଚିହ୍ନଟ ପଜିଟିଭଙ୍କ ମଧରେ ଜିଲାର ଜୟପୁର ପୌରାଞ୍ଚଳରୁ ୧୫ ଜଣ ପଜିଟିଭ ଚିହ୍ନଟ ହୋଇଥିବାବେଳେ କୋରାପୁଟ ପୌରାଞ୍ଚଳରୁ ୧୧, ସୁନାବେଡା ପୌରାଞ୍ଚଳରୁ ୧୩, କୋଟପାଡ ଏନଏସିରୁ ୪, ବୋରିଗୁମ୍ମା ବ୍ଲକରୁ ୧୦, ବୈପାରିଗୁଡା ବ୍ଲକରୁ ୪, ବନ୍ଧୁଗାଁ ବ୍ଲକରୁ ୫, ଦଶମନ୍ତପୁର ବ୍ଲକରୁ ୩, ଜୟପୁର ବ୍ଲକରୁ ୧୦, କୋରାପୁଟ ବ୍ଲକ ରୁ ୧୦ , କୋଟପାଡ ବ୍ଲକରୁ ୧୧, କୁନ୍ଦୁରା ବ୍ଲକରୁ ୨, ଲମତାପୁଟ ବ୍ଲକରୁ ୬, ନାରାୟଣପାଟଣା ବ୍ଲକରୁ ୮, ପଟ୍ଟାଙ୍ଗି ବ୍ଲକରୁ ୨ ଓ ସେମିଲିଗୁଡା ବ୍ଲକ ଅଞ୍ଚଳରୁ ୧୦ ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଶୁକ୍ରବାର୨୪୭ ଜଣ ସୁସ୍ଥ ହୋଇଥିବାବେଳେ ଏହାକୁ ମିଶାଇ ଜିଲାରେ ମୋଟ ସୁସ୍ଥଙ୍କ ସଂଖ୍ୟା ୧୫ ହଜାର ୩୩୧ରେ ପହଞ୍ଚିଛି।

### ବିଦ୍ୟୁତ୍ ବିଭ୍ରାଟ ନେଇ ଦାବିପତ୍ର

କୁନ୍ଦୁରା,୧୧।୬(ଡି.ଏନ.ଏ.)- କୋରାପୁଟ ଜିଲା କୁନ୍ଦୁରା ବ୍ଲକର ପ୍ରାୟ ୪୦ଟି ଗ୍ରାମରେ ୨/୩ମାସ ହେବ ବିଦ୍ୟୁତ୍ ବିଭ୍ରାଟ ଦେଖାଯାଇଛି। ଅଞ୍ଚଳବାସୀ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କୁ ବାରମ୍ବାର ଜଣାଇ ସେ କୌଣସି ପଦକ୍ଷେପ ନ ନେବାରୁ ଶୁକ୍ରବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ସ୍ନେହପ୍ରଭା ମାଝିଙ୍କୁ ଦାବିପତ୍ର ଦେଇଛନ୍ତି। ୨୦୧୪ ଫେବୃୟାରୀରେ ପ୍ରଧାନିପୁଟରେ ଏକ ସବ୍‌ଷ୍ଟେଶନ ନିର୍ମାଣ ଲାଗି ନିଷ୍ପତ୍ତି ହୋଇଥିଲା। ଏହା ଏଯାଏ କାର୍ଯ୍ୟକାରୀ ହେଲାନାହିଁ। ଏହା ପ୍ରତିଷ୍ଠା ହୋଇଥିଲେ ଉକ୍ତ ବ୍ଲକ ଅଞ୍ଚଳରେ ଏବେ ବିଦ୍ୟୁତ୍ ସମସ୍ୟା ନଥାନ୍ତା ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ,ଉପ ଜିଲାପାଳ, ସାଉଥକୋ ନିର୍ବାହୀଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି।

# ତୈଳ ଦର ବୃଦ୍ଧିକୁ ବିରୋଧକରି କଂଗ୍ରେସର ପ୍ରତିବାଦ,ବିକ୍ଷୋଭ



କୋରାପୁଟରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।


ସେମିଲିଗୁଡାରେ କର୍ମକର୍ତ୍ତାମାନେ ତୈଳଦର ବୃଦ୍ଧିର ପ୍ରତିବାଦ କରୁଛନ୍ତି ।

କୋରାପୁଟ/ସେମିଲିଗୁଡା/କୁନ୍ଦୁରା, ୧୧।୬(ସ୍ୱ.ପ୍ର./ ଡି.ଏନ୍,ଏ.)

ପେଟ୍ରୋଲ ଓ ଡିଜେଲ ଆଦି ତୈଳଦର ବୃଦ୍ଧି ପ୍ରତିବାଦରେ ଶୁକ୍ରବାର ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆହ୍ୱାନରେ ଜିଲା କଂଗ୍ରେସ କମିଟି ସଭାପତି ମୀନାକ୍ଷୀ ବାହିନୀପତିଙ୍କ ତତ୍ତ୍ୱାବଧାନରେ କଂଗ୍ରେସ କମିଟି ପକ୍ଷରୁ ଜିଲାର ବିଭିନ୍ନ ସହର ଓ ବ୍ଲକମାନଙ୍କରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖରେ୪ ଘଣ୍ଟା ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କୋରାପୁଟ ସହରର ୪ଟି ପେଟ୍ରୋଲ ପମ୍ପ ସମ୍ମୁଖରେ ପୂର୍ବତନ ନଗରପାଳ ଭଗବାନ ବାହିନୀପତି, କଂଗ୍ରେସ ନେତା କୃଷ୍ଣ କୁଳଦୀପ, ଜିଲା କାର୍ଯ୍ୟକାରୀ ସଭାପତି ରୁପକ ତୁରୁକ, ନଗର ସଭାପତି ଜୟନ୍ତ କଟିକ, ବ୍ଲକ ସଭାପତି ରମେଶ ବାଖ୍ୟା, ଏମ୍‌ପି ପ୍ରତିନିଧି ବାବୁଲା ବେନିଆ, ମନୋଜ ଆଚାର୍ଯ୍ୟ,ରମେଶ ଖରା, ବିଜୟ କୁମାର ରାଓ ପ୍ରମୁଖ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ତୈଳଦର ବୃଦ୍ଧି ଦେଶ ପାଇଁ ଶୁଭଙ୍କର ନୁହେଁ ବୋଲି କହିବା ସହ ଏହାଦ୍ୱାରା ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା କଂଗ୍ରେସ ନେତାମାନେ ପ୍ରକାଶ କରି ରାଜ୍ୟ ଓ କେନ୍ଦ୍ର ସରକାର ଏଦିଗରେ ପଦକ୍ଷେପ ନ ନେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଥିଲେ।

ପେଟ୍ରୋଲ, ଡିଜେଲର କ୍ରମାଗତ ଭାବେ ଦରବୃଦ୍ଧି ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶରେ ପଟ୍ଟାଙ୍ଗୀ ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ସମସ୍ତ ପେଟ୍ରୋଲ ପମ୍ପ ସମ୍ମୁଖରେ ଛିଡ଼ାହୋଇ କର୍ମୀମାନେ ଶୁକ୍ରବାର ପ୍ରତିବାଦ କରିଛନ୍ତି। ତୈଳ ଦରର ଅହେତୁକ ଦରବୃଦ୍ଧିକୁ ତୁରନ୍ତ ପ୍ରତ୍ୟାହାର କରିବା ଦାବିକରି ସେମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ତୈଳ ଦରବୃଦ୍ଧି ସାଧାରଣ ଜୀବନଯାତ୍ରା ଉପରେ ଗଭୀର ପ୍ରଭାବ ପକାଉଛି। ସବୁ ସାମଗ୍ରୀର ଦର ବୃଦ୍ଧିହେଉଛି। କରୋନା ମହାମାରୀ ପରି ସଙ୍କଟ ସମୟରେ ସାଧାରଣ ଲୋକଟିଏ ପରିବାର ଚଳେଇବା କଷ୍ଟକର ହୋଇପଡୁଛି। ଏପରି ସ୍ଥଳେ ବାରମ୍ବାର ପେଟ୍ରୋଲ, ଡିଜେଲ ଦରବୃଦ୍ଧି କରିବା ଠିକ୍ ନୁହେଁ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ପଟ୍ଟାଙ୍ଗୀର ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡ଼ାମ କହିଛନ୍ତି, ରାଜ୍ୟ ଓ କେନ୍ଦ୍ର ସରକାର ତୈଳ ଦର ବୃଦ୍ଧି ପ୍ରତ୍ୟାହାର ଦିଗରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଦଳ ତୀବ୍ର ଆନ୍ଦୋଳନ କରିବ। ଏହି କାର୍ଯ୍ୟକ୍ରମରେ ବ୍ଲକ ସଭାପତି ସନିଆ ମାଝି, ପୀତାମ୍ବର କିର୍ଷାନି, ଆନନ୍ଦ କୁଳଦୀପ, ରାଜେନ୍ଦ୍ର ଚନ୍ଦ୍ର ପାଙ୍ଗୀ, ସୁରେଶ ପୂଜାରୀ, ରତନ କୋଡ଼ିଆଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

କୁନ୍ଦୁରା ବ୍ଲକ ଅନ୍ତର୍ଗତ ପ୍ରଧାନିପୁଟସ୍ଥିତ ପେଟ୍ରୋଲ ପମ୍ପଠାରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦଶନ କରାଯାଇଥିଲା। ବ୍ଲକ କଂଗ୍ରେସସଭାପତି ଗୋକୁଳ ଚନ୍ଦ୍ର ନାୟକଙ୍କନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଦୈତାରି ମଲିକ, ଗୁପ୍ତ ହରିଜନ, ଯୁବ ସଭାପତି ରାଜେଶ ଗୁରୁ, ବିଶ୍ୱନାଥ ଜେନା, ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜା ପ୍ରମୁଖ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ତୈଳଦର ବୃଦ୍ଧି ନୀତିର ସମାଲୋଚନା କରିଥିଲେ।

# ରବିମଣ୍ଡିରେ ଅବ୍ୟବସ୍ଥା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

- ଅବ୍ୟବସ୍ଥା ନ ସୁଧୁରିଲେ ରାଜ୍ୟବ୍ୟାପୀ ଆନ୍ଦୋଳନ
- ଏକ୍ସପାଏରି ଟୋକନ ରେନ୍ୟୁ କରିବାକୁ ଦାବି
- ସମସ୍ୟାର ଶୀଘ୍ର ସମାଧାନ ହେବ: ଜିଲାପାଳ

ଜୟପୁର,୧୧।୬ (ନି.ପ୍ର.)

ରବିମଣ୍ଡିରେ ଅବ୍ୟବସ୍ଥା ନେଇ ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ବିପଦ ଭଞ୍ଜନ ଦାଶଙ୍କ ନେତୃତ୍ୱରେ ଶୁକ୍ରବାର ଏକ ପ୍ରତିନିଧି ଦଳ କୋରାପୁଟ ଜିଲାପାଳ ଅବଦୁଲ ମହମ୍ମଦ ଅଖତାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛି। ଗତ ଖରିଫ ମଣ୍ଡିରେ ବିପର୍ଯ୍ୟସ୍ତ ବ୍ୟବସ୍ଥା ଯୋଗୁ କୋରାପୁଟ ଜିଲାର ବହୁ ଚାଷୀ ନିଜ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଥିଲେ। ବାଧହୋଇ ଅନେକ ଚାଷୀ ୭୦୦ରୁ ୧୦୦୦ ଟଙ୍କା ଦରରେ ଧାନ ବିକ୍ରି କରିଥିଲେ। ଏନେଇ ଭାଜପା ସରକାରଙ୍କ ମଣ୍ଡିନୀତିର ବିରୋଧକରି ଆନ୍ଦୋଳନ କରିଥିଲା। ବର୍ତ୍ତମାନ ରବିମଣ୍ଡିରେ ମଧ ଏପରି ଅବ୍ୟବସ୍ଥା ଜାରି ରହିଛି। ଏହା ନ ସୁଧୁରିଲେ ଦଳ ରାଜ୍ୟ ସାରା ଆନ୍ଦୋଳନ କରିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। କୋରାପୁଟ ଜିଲାର ସମସ୍ତ ମଣ୍ଡିରେ ଧାନ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଏମ୍‌ଏସ୍‌ପିରେ କିଣିବାକୁ ଦାବିକରି ଜିଲାପାଳଙ୍କ ସହ ବିଭିନ୍ନ ମଣ୍ଡିରେ ଲାଗି ରହିଥିବା ଅବ୍ୟବସ୍ଥା ସମ୍ପର୍କରେ କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ଯେଉଁ ଚାଷୀଙ୍କ ଟୋକନଗୁଡ଼ିକ ଏକ୍ସପାଏର ହୋଇଯାଇଛି ତାହାକୁ ଶୀଘ୍ର ରେନ୍ୟୁ କରି ମଣ୍ଡିରୁ ସମ୍ପୃକ୍ତ ଚାଷୀଙ୍କ ଧାନ ଉଠାଇବାକୁ ଆଲୋଚନା ବେଳେ ସେମାନେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଜିଲାପାଳ ଏହାର ସମାଧାନ ଶୀଘ୍ର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ କର୍ମକର୍ତ୍ତାମାନେ ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟି ଚାଷୀଙ୍କ ସମସ୍ୟା ଶୀଘ୍ର ସମାଧାନ କରିବାକୁ ଦାବି କରିଥିଲେ। ଜିଲା ସମ୍ପାଦକ ଲକ୍ଷ୍ମୀନାରାୟଣ ପାଢ଼ୀ, ଜୟପୁର ମଣ୍ଡଳ ସଭାପତି ସାଧୁଚରଣ ଦାଶ ଚୌଧୁରୀ,ଗିର୍ଲା ମଣ୍ଡଳ ସଭାପତି ସୁଶାନ୍ତ ପାଣିଗ୍ରାହୀ,ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅଶ୍ୱିନ ପଟ୍ଟନାୟକ ଓ ବାଡ଼ିଗାଁ କର୍ମକର୍ତ୍ତା ମନୋଜ ପଟ୍ଟନାୟକ ଉପସ୍ଥିତ ଥିଲେ।

# ୪୩୮ କେଜି ଗଞ୍ଜେଇ ଜବତ: ୬ ଗିରଫ


ଗିରଫ ୬ ଅଭିଯୁକ୍ତ ।

ଜୟପୁର,୧୧।୬(ନି.ପ୍ର.)

**୯ ଲକ୍ଷ ଟଙ୍କା,କଣ୍ଟେନର, କାର୍ ଜବତ**

କୋରାପୁଟ ଜିଲା ଜୟପୁର ସଦର ପୋଲିସ ଗଞ୍ଜେଇ ଚାଲାଣ ବେଳେ ଚଢ଼ାଉ କରି ଧରିଛି । ଜୟପୁର ଘାଟିରେ ଗଞ୍ଜେଇ ଭର୍ତ୍ତି କଣ୍ଟେନର ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୬ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଉତ୍ତର ପ୍ରଦେଶର ଉମା ଶଙ୍କର ସିଂ (୨୬), ରାଇବରେଲିର ତେଜ ବାହାଦୁର ସିଂ (୫୧) ,କୋଟପାଡ଼ର ବ୍ରଜେନ୍ଦ୍ର ବ୍ରହ୍ମା (୫୨), ଜୟପୁର ସଦର ଏରାପାଲ୍ଲି ଗ୍ରାମର ବିଶ୍ୱନାଥ ଭଣ୍ଡାରୀ (୩୦), କୋଟପାଡ ଥାନା ସୁତିପଦର ଗ୍ରାମର ସୁନାଧର ହରିଜନ (୩୬), କୋଟପାଡ଼ କେନ୍ଦୁଗୁଡ଼ାର ଅକ୍ଷୟ କୁମାର ସ୍ୱାଇଁ (୩୨)। ଅକ୍ଷୟ ଜଣେ ହୋମଗାର୍ଡ ବୋଲି ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି । କଣ୍ଟେନର(ୟୁପି-୭୮-ସିଏନ୍-୬୩୭୧)ରେ ଗଞ୍ଜେଇ ଉତ୍ତର ପ୍ରଦେଶ ଚାଲାଣ ହେଉଥିବା ସୂଚନା ପାଇ ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁଡ଼ ଚଢ଼ାଉ କରିଥିଲେ। ସେଥିରୁ ୪୩୮ କେଜି ଗଞ୍ଜେଇ ଜବତ ହୋଇଥିଲା। ଏହାର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତଙ୍କୁ ପଚାରଉଚରା ବେଳେ କୋଟପାଡ଼ର ପ୍ରଭାବଶାଳୀ ବ୍ୟକ୍ତି ବ୍ରଜେନ୍ଦ୍ର ବ୍ରହ୍ମା ଗଞ୍ଜେଇ କିଣି ବାହାର ରାଜ୍ୟକୁ ପଠାଉଥିଲେ। ଉତ୍ତର ପ୍ରଦେଶର ଉମାଶଙ୍କର ତାଙ୍କଠାରୁ ସମସ୍ତ ଗଞ୍ଜେଇ କିଣୁଥିଲେ । ଚଢ଼ାଉ ବେଳେ ବ୍ରହ୍ମାଙ୍କ ଘରୁ ୯ ଲକ୍ଷ ଟଙ୍କା ଜବତ ହୋଇଛି । ଏହି ମାମଲାରେ ପୋଲିସ ଗଞ୍ଜେଇ ଚାଲାଣ ହେଉଥିବା କଣ୍ଟେନର ସହ ମାରୁତି ସୁଜୁକି କାର୍ (ସିଜି ୦୪-ଏଚ୍ଆର୍-୪୫୭୯ ) ୬ଟି ମୋବାଇଲ ଫୋନ ଜବତ କରିଛି। ଖବରଦାତା ସମ୍ମିଳନୀରେ ସଦର ଥାନା ଅଧିକାରୀ ମହାକୁଡ ଉପସ୍ଥିତ ଥିଲେ।

# ବିଚାର ବିଭାଗୀୟ ମାଜିଷ୍ଟ୍ରେଟ, କର୍ମଚାରୀଙ୍କୁ କୋଭିଡ୍ ଟିକା

ମାଲକାନଗିରି,୧୧।୬(ଡି.ଏନ.ଏ.)


ଜିଲା ଓ ଦୌରା ଜଜ୍ ସୁଶ୍ରୀ ରେଖା ପ୍ରସାଦ ଟିକା ନେଇଛନ୍ତି।

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଏସ୍‌ଡିଜେଏମ୍ କୋର୍ଟ ପରିସରରେ ଶୁକ୍ରବାର ସ୍ୱତନ୍ତ୍ର ଭାବେ କୋଭିଡ୍-୧୯ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଓ ଦୌରା ଜଜ୍ ସୁଶ୍ରୀ ରେଖା ପ୍ରସାଦ, ଅତିରିକ୍ତ ଜିଲା ଓ ଦୌରା ଜଜ୍ ମହଲତ ସା, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ବିଶ୍ୱରଞ୍ଜନ ବେହେରା, ସବ୍‌ଜଜ୍ କମଳାକାନ୍ତ ରାଉତ, ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଡ. ନିଶାକର ସାହୁ, ମାଲକାନଗିରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରେଖାରାଣୀ ପଣ୍ଡା, କୋର୍ଟ ପରିଚାଳକ ପ୍ରଣବ କୁମାର ପ୍ରଧାନଙ୍କ ସମେତ କର୍ମଚାରୀ ଓ ତାଙ୍କ ପରିବାର ଟିକା ନେଇଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ଟିକା ଦେବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଏହା ଏକ ଭଲ ପଦକ୍ଷେପ। ଏହାଦ୍ୱାରା କୋର୍ଟ କାର୍ଯ୍ୟରେ ସହାୟକ ହୋଇପାରିବ ଏବଂ ଆତ୍ମବିଶ୍ୱାସର ସହ ସମସ୍ତେ କାର୍ଯ୍ୟ କରିପାରିବେ ବୋଲି ରେଜିଷ୍ଟ୍ରାର କୃଷ୍ଣଚନ୍ଦ୍ର ନାୟକ କହିଛନ୍ତ। ଏହି ସମୟରେ ଜିଲା ଆଇନଜୀବୀ ସଂଘ ସଭାପତି ପ୍ରଭାକର ପ୍ରଧାନ, ଉପ ସଭାପତି ମାନସ ସ୍ୱାଇଁ, ପୂର୍ବତନ ସଭାପତି ନୃସିଂହ ଚରଣ ମହାନ୍ତି, ଆଇନଜୀବୀ ଗୌତମ ସରକାର ଉପସ୍ଥିତ ଥିଲେ।

### ଅସହାୟ ବୃଦ୍ଧଙ୍କ ମୃତଦେହ ସତ୍କାରକଲେ ଯୁବଗୋଷ୍ଠୀ

ମାଲକାନଗିରି,୧୧।୬(ଡି.ଏନ.ଏ.)

ମୃତଦେହ ସତ୍କାର କରି ମାନବିକତାର ପରିଚୟ ଦେଇଛନ୍ତି କେତେକ ଯୁବଗୋଷ୍ଠୀ। ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଖେଳ ପଡିଆରେ ଥିବା ଏକ ବୃଦ୍ଧ ଆଶ୍ରମରେ ସମାରୁ ବାଗ ନାମକ ଜଣେ ବୃଦ୍ଧ ଦୀର୍ଘ ବର୍ଷ ହେଲା ରହି ଆସୁଥିଲେ। ହଠାତ୍ ମଙ୍ଗଳବାର ସକାଳୁ କୌଣସି କାରଣରୁ ତାଙ୍କର ମୃତ୍ୟୁ ହୋଇଥିଲା। ସମାରୁଙ୍କ ନିଜର ବୋଲି କେହି ନ ଥିଲେ। ତାଙ୍କ ମୃତଦେହ ସତ୍କାର ନେଇ କେହି ପରିଚିତ ଲୋକ ନ ଆସିବାରୁ ଦୀର୍ଘ ସମୟ ଧରି ମୃତହେଦ ପଡି ରହିଥିଲା। ଏନେଇ ମାଲକାନଗିରିର ସାମାଜିକ କର୍ମୀ ରମ୍ୟରଞ୍ଜନ ପରିଡ଼ା, ରାଜା ଭାଇ ଜାଣିବା ପରେ ତୁରନ୍ତ ସେଠାରେ ପହଞ୍ଚି ମୃତଦେହ ଆଣି ନିଜର କେତେଜଣ ସାଥୀଙ୍କ ସହଯୋଗରେ ମଶାଣିରେ ସତ୍କାର କରିଥିଲେ। ଯୁବଗୋଷ୍ଠୀଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ବୃକ୍ଷରୋପଣ କାର୍ଯ୍ୟକ୍ରମ

ଜୟପୁର,୧୧।୬ ( ନି.ପ୍ର.)

ସତସଙ୍ଗ ଦେଓଘରର ମୁଖ୍ୟ ପୂଜନୀୟ ବାବାଇ ଦାଙ୍କର ୫୪ ତମ ଜନ୍ମ ଦିବସ ମଙ୍ଗଳବାର ଜୟପୁର ଡ଼ଙ୍ଗାଗୁଡାସ୍ଥିତ ସତସଙ୍ଗ ବିହାରଠାରେ କୋଭିଡ଼ ନିୟମ ଅନୁସାରେ ପାଳିତ ହୋଇଛି। ବାବାଇ ଦାଙ୍କ ଦୀର୍ଘଜୀବନ କାମନା କରି ଧାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସତସଙ୍ଗ ସଭାପତି ବିନୋଦ ମହାପାତ୍ର, ଶିଶିର କୁମାର ପରିଜା, ଧରଣୀଧର ସାହୁ, ଖଗେନ୍ଦ୍ର ବାରିକ, ନରେଶ ମହାକୁଡ଼, ଖଲି ପଟ୍ଟନାୟକ, ବିଜୟ ନାୟକ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜ୍ୟୋତିରଞ୍ଜନ ମହାପତ୍ର, ଆଦ୍ୟଶା ମହାପାତ୍ର, ସୌମ୍ୟ ରଞ୍ଜନ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ରକ୍ତ ଯୋଗାଡ଼ରେ ଜିଲା ରକ୍ତଦାତା, ପ୍ରବର୍ତ୍ତକ ଫୋରମର ପ୍ରୟାସ

ସୁନାବେଡ଼ା,୧୧।୬(ସ୍ୱ.ପ୍ର.)

କରୋନା ମହାମାରୀର ଦ୍ୱିତୀୟ ଲହର କୋରାପୁଟ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ସୃଷ୍ଟି କରିଛି। ଦୂରଦୂରାନ୍ତରୁ ଚିକିତ୍ସା ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ଆସୁଥିବା ରୋଗୀ ଆବଶ୍ୟକ ସମୟରେ ରକ୍ତ ପାଇଁ ସଙ୍କଟରେ ପଡୁଥିଲେ। ସେମାନଙ୍କୁ ଜିଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ ରକ୍ତ ଯୋଗାଇଦେବାରେ ସହାୟତା କରିଆସୁଛି। ମାଲକାନଗିରି ଜିଲାରୁ ଆସି ଚିକିତ୍ସିତ ହେଉଥିବା ଜଣେ ବ୍ୟକ୍ତିଙ୍କ ପାଇଁ ୩ ୟୁନିଟ 'ଓ'ପଜିଟିଭ୍ ରକ୍ତ ସଂଗ୍ରହ କରିବାରେ ଫୋରମର ବରିଷ୍ଠ ସଦସ୍ୟ ଗୋବିନ୍ଦ ବଲ୍ଲଭ ପାଢ଼ୀ ଏବଂ ନବୀନ କୁମାର ଚୌଧୁରୀ ଉଦ୍ୟମକରି ଚୌଧୁରୀ ନିଜେ ରକ୍ତ ଦେଇଥିଲେ। ଏଥିସହ ଦୁଇଜଣ ଯୁବକ ଅଜୟ ଖରା ଏବଂ ସ୍ୱାଧୀନ ନରାଜଙ୍କୁ ରକ୍ତଦାନ ପାଇଁ ପ୍ରବର୍ତ୍ତାଇଥିଲେ। ସେହିପରି କଳାହାଣ୍ଡି ଜିଲାରୁ ଆସି ଚିକିତ୍ସିତ ହେଉଥିବା ଜଣେ ମହିଳାଙ୍କୁ 'ଏ' ପଜିଟିଭ୍ ରକ୍ତ ଆବଶ୍ୟକ ପଡିବାରୁ ଫୋରମର ସ୍ୱରାଜ କୁମାର ରାୟ ଏବଂ ଶାହେଦା ପର୍‌ବିନ ସୁନାବେଡ଼ା ନିକଟସ୍ଥ ମାଳିଗୁଡ଼ା ଗ୍ରାମର ଜଣେ ଯୁବକ ଜିବା ବେନିଆଙ୍କୁ ରକ୍ତଦାନ ପାଇଁ ପ୍ରବର୍ତ୍ତାଇଥିଲେ। ବେନିଆ ଶୁକ୍ରବାର କୋରାପୁଟ ରକ୍ତଭଣ୍ଡାରରେ ରକ୍ତଦାନ କରିବା ସମୟରେ ଫୋରମର କୋଷାଧ୍ୟକ୍ଷ ଶେଖ ଇବ୍ରାହିମ ଉପସ୍ଥିତ ରହି ତାଙ୍କୁ ଉତ୍ସାହିତ କରିଥିଲେ। ସେହିଭଳି ଅନ୍ୟ ଜଣେ ରୋଗୀଙ୍କ ଆବଶ୍ୟକ ଥିବା 'ଏ' ପଜିଟିଭ୍ ରକ୍ତ ମାନିଗୁଡ଼ା ଗ୍ରାମର ଆମ୍ବୁଲାନ୍ସର ଡ୍ରାଇଭର ମନୋରଞ୍ଜନ ସାମ ଦାନକରି ମାନବିକତାର ପରିଚୟ ଦେଇଛନ୍ତି। ଫୋରମ ପକ୍ଷରୁ ଏଭଳି ପ୍ରୟାସ ଜାରି ରହିବ ବୋଲି ଏହାର ସଭାପତି ଜି. ସଞ୍ଜୀବ କୁମାର କହିଛନ୍ତି।

# ଟୈଳ ଦର ବୃଦ୍ଧି ପ୍ରତିବାଦରେ ଜିଲା କଂଗ୍ରେସର ଧାରଣା

ମାଲକାନଗିରି,୧୧।୬(ଡି.ଏନ.ଏ.)

ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ଶୁକ୍ରବାର ଜିଲା କଂଗ୍ରେସ କମିଟି ପକ୍ଷରୁ ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଓ ଧାରଣା ଦିଆଯାଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ରଙ୍କ ନେତୃତ୍ୱରେ ବହୁ ନେତା ଓ କର୍ମୀ କେନ୍ଦ୍ର ସରକାର ତୈଳ ଓ ଗ୍ୟାସ୍ ଦର ରୋକିବାରେ ବିଫଳ ହୋଇଥିବା ଅଭିଯୋଗକରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ତୈଳ ଦର ବୃଦ୍ଧି ଯୋଗୁ ପନିପରିବା, ରାଶନ ସାମଗ୍ରୀର ଦର ବୃଦ୍ଧି ପାଇବାରେ ଲାଗିଛ। ଏଥିଯୋଗୁ ସାଧାରଣ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତ। କରୋନା କାଳରେ ତୈଳ ଦର ବୃଦ୍ଧି ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ବର୍ତ୍ତମାନ ମାଲକାନଗିରିରେ ପେଟ୍ରୋଲ ଦର ଲିଟର ପିଛା ୧୦୧.୭୨ ପଇସା ଥିବା ବେଳେ ଡିଜେଲ ଦର ଲିଟର ପିଛା ୯୯ ଟଙ୍କା ୫୦ ପଇସା ରହିଛି। ଯଦି ଆଗାମୀ ଦିନରେ ତୈଳ ଦର ହ୍ରାସ କରା ନ ଯାଏ ତେବେ କଂଗ୍ରେସ ପକ୍ଷରୁ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ସଭାପତି ଗୋବିନ୍ଦ ପାତ୍ର ଓ ପୂର୍ବତନ କାର୍ଯ୍ୟକାରୀ ସଭାପତି ରାମପ୍ରସାଦ ପଟ୍ଟନାୟକ କହିଛନ୍ତ। ଅନ୍ୟମାନଙ୍କ ମଧ୍ୟରେ ଯୁବ ସଭାପତି ଜି.ଶ୍ରୀନିବାସ ରାଓ, ନଗର କଂଗ୍ରେସ ସଭାପତି ପି.କେଶୁ ରାଓ ,ପୂର୍ବତନ ସରପଞ୍ଚ ଇର୍ମା ପଡ଼ିଆମି, ପଦ୍ମ ପାଙ୍ଗୀ, ଛବି ଦାସ, ଡି. ଚିନ୍ନା ରାଓ, ସଭାନେତ୍ରୀ କମଳା ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

# ୩ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ

ଚିତ୍ରକୋଣ୍ଡା,୧୧।୬(ଡି.ଏନ.ଏ.)


ଗିରଫ ଅଭିଯୁକ୍ତ ଏବଂ ଜବତ ଗଞ୍ଜେଇ।

ଗଞ୍ଜେଇ ଚୋରା ଚାଲାଣ ବେଳେ ଚିତ୍ରକୋଣ୍ଡା ପୋଲିସ ୩୧୦ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣକୁ ଗିରଫ କରାଯାଇଛି। ତାଙ୍କ ନାମ ବରାଳ(୩୯)। ତାଙ୍କ ଘର କାଲିମେଳା ଅଞ୍ଚଳରେ। ଗୁରୁବାର ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକଙ୍କ ନେତୃତ୍ୱରେ ଏକ ଟିମ ନାକାମାମୁ-ବାଲିମେଳା ରାସ୍ତାରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ବାଇକ୍ ଓ ଅଟୋ ଆଗ ପଛ ହୋଇ ଦ୍ରୁତ ବେଗରେ ବାଲିମେଳା ଆଡ଼କୁ ଆସୁଥିଲା । ରଜାବନ୍ଧ ଗାଁ ଛକ ନିକଟରେ ପୋଲିସ ଗାଡିକୁ ଅଟକାଇବାରୁ ଦୂରରୁ ପୋଲି କୁ ଦେଖି ଉଭୟ ଅଟୋ (ଓଡି ୩୦ଏ- ୦୨୫୩) ଓ ବାଇକ୍ (ଓଆର ୧୦ ଜେ-୦୩୮୬) ଚଳାଉଥବା ୨ ବ୍ୟକ୍ତି ଗାଡି ଛାଡି ଅନ୍ଧାରରେ ଜଙ୍ଗଲ ଭିତରକୁ ଦୌଡି ପଳାଇଥିଲେ। ଘଟଣା ସ୍ଥଳରୁ ପୋଲିସ ବାଇକ୍, ଅଟୋ ଏବଂ ୨ଟି ମୋବାଇଲ ଫୋନ ସହ ୩୧୦ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରି ଆଣିଥିଲା। ଏହାରବଜାର ମୂଲ୍ୟ ୩୧ ଲକ୍ଷରୁ ଉର୍ଦ୍ଧ୍ୱ ହେବ। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇଜଣଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଚିତ୍ରକୋଣ୍ଡା ଏସଡିପିଓ ସୁନାରାମ ହେମ୍ରମ କହିଛନ୍ତି।

# କଳାବ୍ୟାଜ୍ ପରିଧାନକରି କାର୍ଯ୍ୟକଲେ ଫାର୍ମାସିଷ୍ଟ

ମାଲକାନଗିରି,୧୧।୬ (ଡି.ଏନ୍.ଏ.)

ଫାର୍ମାସିଷ୍ଟଙ୍କ ପ୍ରତି ରାଜ୍ୟ ସରକାର କ୍ରମାଗତ ଉଦାସୀନତା ପ୍ରଦର୍ଶନ କରି ଆସୁଛନ୍ତି। ଏହାର ପ୍ରତିବାଦରେ ରାଜ୍ୟ ଫାର୍ମାସିଷ୍ଟ



କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଥିବା ଫାର୍ମାସିଷ୍ଟ।

ସଂଘ ନିଷ୍ପତ୍ତିକ୍ରମେ ଗୁରୁବାରଠାରୁ କଳାବ୍ୟାଜ୍ ପରିଧାନକରି ଫାର୍ମାସିଷ୍ଟମାନେ କାର୍ଯ୍ୟ କରୁଛନ୍ତି। ମାଲକାନଗିରି ଜିଲା ସଂଘ ପକ୍ଷରୁ ମଧ ରାଜ୍ୟ ସଂଘ ନିଷ୍ପତ୍ତି ପାଳନ କରାଯାଇଛି। ଜିଲାର ବିଭିନ୍ନ ଚିକିତ୍ସାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟମାନେ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରୁଛନ୍ତି । ଫାର୍ମାସିଷ୍ଟମାନଙ୍କ ମୂଳ କାର୍ଯ୍ୟ ସହ ସେମାନଙ୍କୁ ହସ୍ପିଟାଲରେ ଅନେକ କାର୍ଯ୍ୟ କରିବାକୁ କୁହାଯାଉଛି। ଫାର୍ମାସିଷ୍ଟମାନେ ସେସବୁ କାର୍ଯ୍ୟ ମଧ କରୁଛନ୍ତି। ତେବେ ସେମାନଙ୍କ ବିଭିନ୍ନ ନ୍ୟାଯ୍ୟ ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ବାରମ୍ବାର ଜଣାଇଲେ ମଧ ସରକାର ସେମାନଙ୍କ କଥା ଶୁଣୁ ନ ଥିବା ସଂଘ ଅଭିଯୋଗ କରିଛି। ଆଗକୁ ଦାବିପୂରଣ ଦିଗରେ ସରକାର ସକାରାତ୍ମକ ପଦକ୍ଷେପ ନ ନେଲେ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ଜିଲା ଫାର୍ମାସିଷ୍ଟ ସଂଘ ସଭାପତି ସତବୀର ସିଂ କହିଛନ୍ତି।

# ନାଲ୍‌କୋର ରେଡ୍‌ମଡ୍ ପଣ୍ଡ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ଦାମନଯୋଡ଼ି,୧୧।୬(ଡି.ଏନ୍.ଏ.)

କୋରାପୁଟ ଜିଲା ଦାମନଯୋଡ଼ି ନାଲ୍‌କୋର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଛି। ନାଲ୍‌କୋ କାରଖାନା ପାର୍ଶ୍ୱରେ ଅବସ୍ଥିତ ଡେଙ୍ଗାଜାନିଗୁଡ଼ା ଗ୍ରାମ ପ୍ରାନ୍ତରେ ନାଲ୍‌କୋ ଦ୍ୱାରା ପ୍ରସ୍ତାବିତ ରେଡ୍‌ମଡ୍ ପଣ୍ଡ ନିର୍ମାଣକୁ ଡେଙ୍ଗାଜାନିଗୁଡ଼ା ଗ୍ରାମବାସୀ ବିରୋଧ କରିଛନ୍ତି। ନାଲ୍‌କୋ ପ୍ରତିଷ୍ଠା ସମୟରେ ଏହି ଗ୍ରାମବାସୀ ନାଲ୍‌କୋକୁ ଜମି ଦେଇ ଏ ପର୍ଯ୍ୟନ୍ତ ବିଭିନ୍ନ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ଅବହେଳିତ ଅବସ୍ଥାରେ ଜୀବନ ଅତିବାହିତ କରୁଛନ୍ତି। ପୂର୍ବରୁ ଗ୍ରାମଠାରୁ ୨କି.ମି. ଦୂରରେ ନାଲ୍‌କୋର ଏକ ରେଡ୍‌ମଡ୍ ପଣ୍ଡ ବନ୍ଧ ରହିଛି। ଏହି ବନ୍ଧରୁ ଝରୁଥିବା ପାଣି ପ୍ରଭାବରେ ନିକଟସ୍ଥ ଚାଷଜମି, ଝରଣା, ନାଳ ଆଦିର ଜଳ ପ୍ରଭାବିତ ହୋଇ ଗ୍ରାମର ଅନେକ ଲୋକ ଚର୍ମରୋଗରେ ଆକ୍ରାନ୍ତ ହୋଇଥିବା ନଜିର ରହିଛି। ବର୍ତ୍ତମାନ ଗ୍ରାମର ପିଙ୍କି ବିଶୋୟୀ, ମାଳତୀ ବିଶୋୟୀ, କୁନ୍ଦୁ ଭୋଇ,ଚିତ୍ର ମୁଦୁଲି, ଚୁନି ମୁଦୁଲି ପ୍ରମୁଖ ଚର୍ମରୋଗରେ ଆକ୍ରାନ୍ତ ଥିବା ବେଳେ ଗ୍ରାମର ରାମ ଜାନି ଏହି ପାଣି ସଂସ୍ପର୍ଶରେ ଆସି ଦୁଇଟିଯାକ ଆଖି ହରାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଗ୍ରାମଠାରୁ ୨୦୦ ମିଟର ଦୂରରେ ନାଲ୍‌କୋ ପୁଣି ଏକ ରେଡ୍‌ମଡ୍ ପଣ୍ଡ ବନ୍ଧ ନିର୍ମାଣ କରିବାକୁ ଯାଉଛି। ଏହି କାର୍ଯ୍ୟ ପାଇଁ ଏକ କମ୍ପାନୀକୁ ଠିକା ଦେଇଛି । ସମ୍ପୃକ୍ତ କମ୍ପାନୀ ଏଠାରେ କାର୍ଯ୍ୟ ପାଇଁ ସର୍ବେକ୍ଷଣ ଆରମ୍ଭ କରିବା ବେଳେ ଲୋକେ ବିରୋଧ କରିଛନ୍ତି। ଗ୍ରାମବାସୀ ଏନେଇ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ଭୃଗୁ ବକ୍ସିପାତ୍ରଙ୍କୁ ଜଣାଇଛନ୍ତି। ଗ୍ରାମବାସୀ ନିଜର ହକ୍ ପାଇଁ ଜୀବନ ଦେଇ ଲଢ଼େଇ କରିବେ। ସେମାନଙ୍କୁ ଅନ୍ୟତ୍ର ଥଇଥାନ କରା ନ ଗଲେ ଏହି ବିଷକୁଣ୍ଡ ସଦୃଶ ରେଡ୍‌ମଡ୍ ପଣ୍ଡ ବନ୍ଧ ନିର୍ମାଣ କରାଇଦେବେନାହିଁ ବୋଲି ଗ୍ରାମର ପଦ୍ମନ ବିଶୋୟୀ, ମନ ବିଶୋୟୀ, ବଂଶୀ ବିଶୋୟୀ, ମାଣିକ ମୁଦୁଲି, କମଳା ଗନ୍ତାୟତ, ବୁଦୁରୀ ବିଶୋୟୀଙ୍କ ସମେତ ଅନ୍ୟମାନେ ପ୍ରକାଶ କରିଛନ୍ତି।

